# Akashvani, Sambalpur

## SAMBALPURI NEWS EVENING BULLETIN

## 19 December 2025- 7.02 pm- 7.12 pm.

*********************************************

୧- ଶେଷ୍ ହେଲା ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ।

୨- ଯୋଗ- ସାରା ପୁର୍‌ଥିକେ ସ୍ୱାସ୍ଥ୍ୟ, ଭାରସାମ୍ୟ ଆଉ ସଦ୍‌ଭାବନାର୍ ବାଟ୍ ଦେଖେଇଛେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଶିଳ୍ପସଂସ୍ଥାମାନ୍‌କର୍ ସହଯୋଗ୍‌ଥି ଓଡ଼ିଶା ବିକାଶ୍‌ର ଶିଘାଥି ପୁହୁଁଚିବା- କହେଲେ ମୁଖ୍ୟମନ୍ତ୍ରୀ ।

- ହାଇଦ୍ରାବାଦ୍ ନ ଚାଲିଥିବା ୨ ଦିନିଆ ନିବେଶକ ସମ୍ମିଲନୀ ହେଲା ଉଦ୍‌ଯାପିତ୍ ।

ଆଉର୍

୪- ସାରା ରାଏଜେ ଲାଗି ରହିଛେ ଜବର୍ ଶୀତ୍ ।

- ଆଏବା ହପ୍ତେତକ୍ ନାଇଁ କମେ ଥଣ୍ଡା- ଅନୁମାନ୍ କଲା ପାଣିପାଗ୍ କେନ୍ଦ୍ର ।

ସଂସଦ୍‌ର ଶୀତ୍ ଅଧିବେଶନ୍         ଏନ୍‌ଏସ୍‌ଡି

ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଆଏଜ୍ ଶେଷ୍ ହେଇଛେ । ଦୁହି ଗୃହକେ ଆଏଜ୍ ଅନିର୍ଦ୍ଦିଷ୍ଟ ସମିଆ ଲାଗି ମୁଲ୍‌ତବୀ କରାଯାଇଛେ । ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଯାପନୀ ଦିବସ୍‌ଥି ଗୃହ ନ ଉଦ୍‌ବୋଧନ୍ ଦେଇକରି କହିଛନ୍, ଇ ଅଧିବେଶନ୍‌ର ୧୫ ଟା କାର୍ଯ୍ୟଦିବସ୍‌ଥି ଶହେ ୧୧ ପ୍ରତିଶତ୍ କାର୍ଯ୍ୟଦକ୍ଷତା ମିଲିଛେ । ଶାନ୍ତିଶୃଙ୍ଖଲାର୍ ସହେତେ ଗୃହ ପରିଚାଲନା କର୍‌ବାର୍ ଲାଗି ସହଯୋଗ୍ କରିଥିବା ବାଚସ୍ପତି ଶ୍ରୀ ବିର୍ଲା ସାଂସଦ୍‌ମାନ୍‌କୁ ଧନ୍ୟବାଦ୍ ଜନେଇଛନ୍ ।

(ଭଏସ୍ ଓଭର୍- ଓମ୍ ବିର୍ଲା)

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ରାଜ୍ୟସଭା ନ ଉଦ୍‌ଯାପନୀ ଭାଷଣ୍‌ଥି କହିଛନ୍, ଇ ଅଧିବେଶନ୍‌ଥି ଗୃହ ୯୨ ଘଂଟା ଚାଲିଥିଲା ଆଉ ଶହେ ୨୧ ପ୍ରତିଶତ୍ କାର୍ଯ୍ୟଦକ୍ଷତା ରେକର୍ଡ଼ କରାଯାଇଛେ । ଅଧିବେଶନ୍‌ଥି ୫୯ ଟା ବିଲ୍ ଆଗତ୍ ହେବାର୍ ସହେତେ ଐତିହାସିକ୍ ଆଉ ଗଣତାନ୍ତ୍ରିକ ମୂଲ୍ୟବୋଧ ରଖୁଥିବା ଭିନ୍ ଭିନ୍ ଗୁଣାତ୍ମକ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରାଯାଇଥିଲା ବଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ ।

ବିଶ୍ୱସ୍ୱାସ୍ଥ୍ୟ ସଂଗଠନ୍ ବିଶ୍ୱ ସମ୍ମିଳନୀ       ଏନ୍‌ଏସ୍‌ଡି

ଯୋଗ- ସାରା ପୁର୍‌ଥିକେ ସ୍ୱାସ୍ଥ୍ୟ, ଭାରସାମ୍ୟ ଆଉ ସଦ୍‌ଭାବନାର୍ ବାଟ୍ ଦେଖେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଭାରତ ମଣ୍ଡପମ୍ ନ ଚାଲିଥିବା ପାରମ୍ପାରିକ୍ ଔଷଧ ବାବଦ୍ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ୍ ବିଶ୍ୱ ସମ୍ମିଲନୀର୍ ଉଦ୍‌ଯାପନୀ ସମାରୋହଥି ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଯୋଗ୍ ଦେଇକରି ଭାରତ୍‌ର ପୁରାତନ୍ ଯୋଗ ବିଦ୍ୟା ଆଉ ଔଷଧ ଶାସ୍ତ୍ରକେ ସାରା ପୁର୍‌ଥି ନ ମାଏନ୍‌ତା ମିଲିଥିବାର୍‌ନୁ ଧନ୍ୟବାଦ୍ ଜନେଇଛନ୍ । ପାରମ୍ପରିକ୍ ଉଷୋକଷାର୍ ପ୍ରଚାର୍ ପ୍ରସାର୍ ଲାଗି ଭାରତ୍‌ନୁ ଏନ୍ତାଗୁଟେ ବିଶ୍ୱସ୍ତରର୍ ସମ୍ମିଲନୀ ଆୟୋଜନ୍ ହେବାର୍‌ଟା ଗର୍ବର୍ ବିଷେ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ୍‌ର ମହାନିର୍ଦ୍ଦେଶକ୍ ଡକ୍ଟର୍ ଟି.ଏ. ଘେବ୍ରିୟେସସ୍ ଙ୍କର୍ ସହେତେ ମିଶିକରି ନୂଆଦିଲ୍ଲୀ ନ ଡବ୍ଲୁଏଚ୍‌ଓ ଦକ୍ଷିଣ ଏସିଆ ଆଂଚଲିକ୍ କାର୍ଯ୍ୟାଲୟ କୋଠା ଉଦ୍‌ଘାଟନ୍ କରିଛନ୍ ।

ନିବେଶକ୍ ସମ୍ମିଲନୀ-ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଲୟ

ଓଡ଼ିଶା ସର୍କାର୍ଙ୍କର୍ ତର୍ଫୁ ହାଇଦ୍ରାବାଦ୍ ନ ହେଇଥିବା ଓଡ଼ିଶା ନିବେଶକ୍ ସମ୍ମିଲନୀର୍ ଶେଷ୍ ଦିନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦେଶ୍ ବିଦେଶ୍ର ଶିଳ୍ପପତି ଆଉ ପୁଞ୍ଜିନିବେଶ୍କାରୀଙ୍କୁ ଭେଟିକରି ରାଏଜେ ପୁଞ୍ଜିନିବେଶ୍ କର୍ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଫାର୍ମାସିଉଟିକାଲ୍ ଆଉ ଲାଇଫ୍ସାଇନ୍ସ, ଧାତୁ ଆଉ ଶକ୍ତି, ଅଟୋମୋଟିଭ୍ ଆଉ ପ୍ରିସିସନ୍ ଉତ୍ପାଦନ୍ କ୍ଷେତ୍ରର୍ ଶିଳ୍ପପତିମାନ୍କର୍ ସଙ୍ଗେ ଗୋଲ୍ ଟେବୁଲ୍ ବୈଠକ୍ କରିଥିଲେ । ସମ୍ମିଲନୀର୍ ୨ ନମ୍ବର୍ ଦିନେ ଆଏଜ୍ ଭିନ୍ ଭିନ୍ ଶିଳ୍ପସଂସ୍ଥା ସହେତେ ଆଏଜ୍ ୧୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଶିଳ୍ପ ସଂସ୍ଥାମାନ୍କର୍ ସହଯୋଗ୍ଥି ଓଡ଼ିଶା ବହୁତ୍ ଜଲ୍ଦି ବିକାଶ୍ର ଶିଘାଥି ପୁହୁଁଚିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଏ.ଆଇ. ଇମ୍ପାକ୍ଟ ସମ୍ମିଲନୀ ଭୁବ୍ନେଶ୍ୱର୍ ସମ୍ବାଦଦାତା

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ସମ୍ମିଲନୀ କକ୍ଷ ନ ଆଂଚଲିକ ଏ.ଆଇ. ଇମ୍ପାକ୍ଟ ସମ୍ମିଲନୀ -୨୦୨୫ ମୁଲ୍ ହେଇଛେ । ୨ ଦିନିଆ ସମ୍ମିଲନୀକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଭାସୀ ଜରିଏ ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ

ଓଡ଼ିଶା ଏ.ଆଇ. ମିଶନ୍ ପୋର୍ଟାଲ୍‌ର ଉନ୍ମୋଚନ୍ କରାଯାଇଛେ । ସମ୍ମିଲନୀଥି ସୂଚନା ଆଉ ପ୍ରଯୁକ୍ତିବିଦ୍ୟାମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି କହିଛନ୍, ଶାସନ ଆଉ ନାଗରିକ୍ ସେବା ଲାଗି ଏ.ଆଇ. ଆପ୍ ବହୁତ୍ ଜରୁରୀ ଆଏ । ଏ.ଆଇ. ବେଭାର୍ କରିକରି ଲୁକ୍‌କୁ କେନ୍ତାକରି ସର୍‌କାରୀ ସୁବିଧା ସୁଯୋଗ୍ ଯୁଗେଇ ଦିଆଯାଇପାର୍‌ବା ତାର୍ ଉପ୍‌ରେ ସର୍‌କାର୍ ଧ୍ୟାନ୍ ଦଉଛନ୍ । ଆଗ୍‌କେ ଆହୁରି ୪୧ ଟା ବିଭାଗ୍‌ଥି ଏଆଇ ର ବେଭାର୍ କରାଯିବା । ଓଡ଼ିଆ ଭାଷାଥି ଏ.ଆଇ. ବେଭାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ବି.ଭି.ଜି ରାମ୍‌ଜୀ ବିଲ୍ ଏନ୍‌ଏସ୍‌ଡି

ବିକଶିତ ଭାରତ୍ ନିଶ୍ଚିତ ରୋଜ୍‌ଗାର୍ ଆଉ ଆଜୀବିକା ଅଭିଯାନ୍ ଗ୍ରାମୀଣ ବିଲ୍-୨୦୨୫ ସଂସଦ୍‌ର ଅନୁମୋଦନ୍ ପାଇଛେ । ଗଲାକାଏଲ୍ ଇ ବିଲ୍ ସଂସଦ୍‌ର ଦୁହି ଗୃହ ନ ପାରିତ୍ ହେଇଛେ । ୨୦ ବଛର୍ ପୁର୍‌ନା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ବଦ୍‌ଲେ ଇଟା କାର୍ଯ୍ୟକାରୀ ହେବା । ୨୦୪୭ ମସିହାତକ୍ ବିକଶିତ ଭାରତ୍ ଲକ୍ଷ୍ୟ ଅଧୀନ୍‌ଥି ଇତାର୍ ଜରିଏ ଗୁଟେ ଗ୍ରାମୀଣ୍ ବିକାଶ୍ ଢାଂଚା ତିଆର୍ କରାଯିବା । ନୂଆଁ ଆଇନ୍‌ଥି ଶହେ ଦିନ୍ ବଦ୍‌ଲେ ଶହେ ୨୫ ଦିନର୍ କାମ୍ ଯୁଗେଇ ଦିଆଯିବା । ଇଥି

କେନ୍ଦ୍ର ଆଉ ରାଜ୍ୟ ଭିତ୍‌ରେ ୬୦-୪୦ ଅନୁପାତ୍‌ଥି ପାଣି ଯୁଗେଇ ଦିଆଯିବା । ମାତର୍‌କ ଉତର୍‌ପୂର୍ବ ଆଉ ହିମାଲୟ ଅଂଚଲର୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ପାଣି ଆବଂଟନ୍ ୯୦-୧୦ ଅନୁପାତ୍ ଧାରିଜ୍ କରାଯାଇଛେ । ଇ ବିଲ୍ ଲାଗି ୧ ଲାଖ୍ ୫୧ ହଜାର୍ ୨ ଶହ ୮୨ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ । ସେଥିର୍‌ଭିତ୍‌ରୁ ୯୫ ହଜାର୍ କୋଟିନୁ ଅଏତ୍‌କା ଟଙ୍କା କେନ୍ଦ୍ର ସର୍‌କାର୍ ଯୁଗେଇ ଦେବେ ।

ଇଗ୍ନି- ନାଁଲେଖା ପି.ଆଇ.ବି.

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୁ ତର୍‌ଫୁ ଜାନୁଆରୀ ୨୦୨୬ ଶିକ୍ଷା ବଛର୍ ଲାଗି ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁଲେଖା ମୁଲ୍ ହେଇଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ ଆଏବା ଜାନୁଆରୀ ୩୧ ତାରିଖ୍‌ତକ୍ ନାଁ ଲେଖେଇପାର୍‌ବେ । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଛାତ୍ରଛାତ୍ରୀ www.ignou.ac.in ଆଉ www.ignou.admission.samarth.edu.in ଥି ଲଗ୍‌ଇନ୍ କରିପାର୍‌ବେ ।

ରାଜସ୍ୱମନ୍ତ୍ରୀ ଏକ୍ସ

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ କୋରାପୁଟ୍ ଜିଲ୍ଲା କୋଟିଆକେ ଯାଇକରି ତୃଣମୂଲ୍ସ୍ତରନୁ ସର୍କାରୀ ଯୋଜ୍ନା ଆଉ କାର୍ଯ୍ୟକ୍ରମ୍ମାନ୍କର୍ ଥିତିର୍ ସମୀକ୍ଷା କରିଛନ୍ । ଜିଲ୍ଲା, ବ୍ଲକ୍ ପ୍ରଶାସନ୍ ଆଉ ସେନର୍ ଲୁକ୍କର୍ ସାଙ୍ଗେ ଆଲୋଚନା, ସର୍କାରୀ ଅଧିକାରୀଙ୍କର୍ ରିପୋର୍ଟ ଆଧାର୍ଥି କୋଟିଆ ନ ସର୍କାରୀ ଯୋଜ୍ନାର୍ କାର୍ଯ୍ୟକାରିତାର୍ ଯାଂଚ୍ କରିଛନ୍ । କୋଟିଆକେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ୍ର ଅନୁପ୍ରବେଶ୍କେ ନେଇକରି ରାଜସ୍ୱ ମନ୍ତ୍ରୀ କଡ଼ା ତାଗିଦ୍ କରିଛନ୍ । କୋଟିଆର୍ ଲୁକେ ଇହାଦେ ସର୍କାର୍ଙ୍କର୍ ସାଙ୍ଗେ ରହିକରି ପଡ଼ୋଶୀ ରାଜ୍ୟର୍ ହସ୍ତକ୍ଷେପ୍କେ ବିରୋଧ୍ କର୍ବାର୍ ମୁଲ୍ କରିଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଜାତୀୟ କଣ୍ଢେଇ ନାଚ୍ ଉତ୍ସବ୍ I&PR

ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ତର୍ଫୁ ଭୁବ୍ନେଶ୍ୱର୍ ଭଞ୍ଜକଳା ମଣ୍ଡପ୍ ନ ଚାଲିଥିବା ୨ ଦିନିଆ ଜାତୀୟ କଣ୍ଢେଇ ନାଚ୍ ଉତ୍ସବ୍ ଆଏଜ୍ ଉଦ୍ଯାପିତ୍ ହଉଛେ । ଉଦ୍ଯାପନୀ ସମାରୋହଥି ଓଡ଼ିଶା ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଲୋପ୍ ପାଇଯାଉଥିବା କଣ୍ଢେଇ ନାଚ୍ ବାଗିର୍ ଓଡ଼ିଶାର୍

ଗୁଟେ ନିଆରା ଲୋକକଳାର୍ ସୁରକ୍ଷା କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ଓଡ଼ିଶା ଖାଦ୍ୟ ମହୋତ୍ସବ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏବା ୨୩ ତାରିଖ୍ ନୁ ଓଡ଼ିଶା ଖାଦ୍ୟ ମହୋତ୍ସବ୍-୨୦୨୫ ମୁଲ୍ ହେବା । ମହୋତ୍ସବ୍‌ଥି ରାଜ୍ୟର୍ ସବୁ ପାରମ୍ପରିକ୍ ଖାଦ୍ୟ ପ୍ରଦର୍ଶନ୍ କରାଯିବା । ମହୋତ୍ସବ ୨୯ ତାରିଖ୍‌ତକ୍ ଚାଲ୍‌ବା ।

ଦେବ୍‌ଗଡ଼୍-ଖରିଫ୍ ଧାନ୍ ଘିନା ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଆଏଜ୍ ଖରିଫ୍ ଧାନ୍ ଘିନା ମୁଲ୍ ହେଇଛେ । ଆଏଜ୍ ପହେଲାଦିନେ ମଣ୍ଡି ନ ୫ନେ ଚାଷୀ ୨୧ କ୍ୱିଂଟାଲ୍ ୯୭ କେଜି ଧାନ୍ ବିକିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍ ଚାଷୀମାନ୍‌କର୍ ସାଙ୍ଗେ ଧାନ୍‌ଘିନା ବାବଦ୍ ସୁବିଧା ଅସୁବିଧା ପଚ୍‌ରେଇ ବୁଝିଛନ୍ ।

ଶିକ୍ଷା ନିର୍ଦ୍ଦେଶିକା - ଗସ୍ତ ବୌଦ୍ଧ ସମ୍ବାଦଦାତା

ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକା ଜୟଶ୍ରୀ ଦୋରା ୨ ଦିନିଆ ବୌଦ୍ଧ ଗସ୍ତଥି ଆସିକରି ଜିଲ୍ଲାର୍ ଭିନ୍ ଭିନ୍ କାମ୍ର ଅଗ୍ରଗତିର ସମୀକ୍ଷା କରିଛନ୍ । ଶ୍ରୀମତୀ ଦୋରା ଆଏଜ୍ ମାଧୋପୁର୍ ସେବାଶ୍ରମ, ବଡ଼ବନ୍ଧ ସର୍କାରୀ ଉଚ୍ଚବିଦ୍ୟାଳୟ, ସର୍ସରା ପି.ଏମ୍.ଶ୍ରୀ ବିଦ୍ୟାଳୟ ବୁଲି ଦେଖିକରି ସ୍ୱଚ୍ଛ ହରିତ ବିଦ୍ୟାଳୟ ରେଟିଂ କାର୍ଯ୍ୟକ୍ରମ୍ର ତର୍ଜମା କରିଛନ୍ । ଇତାର୍ସହେତେ ବିଦ୍ୟାଳୟର୍ ପରିବେଶ୍, ମଧ୍ୟାହ୍ନ ଭୋଜନ୍ ଆଉ ଆନୁସାଙ୍ଗିକ ବ୍ୟବସ୍ଥା ବାବ୍ଦେ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍ମାନ୍କର୍ ଠାନୁ ବୁଝିଥିଲେ ।

ଜିଲ୍ଲା କ୍ରୀଡ଼ା ସଂଘର୍ ବାର୍ଷିକ୍ କ୍ରୀଡ଼ା ଉତ୍ସବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଷ୍ଟାଡ଼ିୟମ୍ ନ ଜିଲ୍ଲା କ୍ରୀଡ଼ା ସଂଘର୍ ବାର୍ଷିକ୍ କ୍ରୀଡ଼ା ଉତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉଦ୍‌ଘାଟନୀ ଉତ୍ସବ୍ଥି ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉତ୍ସବ୍କେ ଉଦ୍‌ଘାଟନ୍ କରିଥିଲେ । ଉତ୍ସବ୍ଥି ୬ ଟା ବିଭାଗ୍ଥି ପ୍ରତିଯୋଗିତା ହେବା । ପ୍ରତିଯୋଗିତାଥି ଜିଲ୍ଲାର୍ ଭିନ୍ ଭିନ୍ ଇଲାକାର୍ ୫ ଶହ ୫୦ ନୁ ଅଏତ୍କା ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ ।

ଏକ୍ ପେଡ଼୍ ମା କେ ନାମ୍-ସମୀକ୍ଷା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଆଏଜ୍ ଏକ୍ ପେଡ଼୍ ମା କେ ନାମ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ପ୍ରଭାତ୍ ଚନ୍ଦ୍ର ଦଣ୍ଡସେନା ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ଅଭିଯାନ୍‌ଥି ଜିଲ୍ଲା ନ ହେଇଥିବା ଗଛ୍ ଲଗା ବାବ୍‌ଦେ ସମୀକ୍ଷା କରିଛନ୍ । ଅଭିଯାନ୍‌ର ସବୁ ତଥ୍ୟ ବିଭାଗୀୟ ପୋର୍ଟାଲ୍‌ଥି ଅପ୍‌ଲୋଡ଼୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଜବର୍ ଶୀତ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ଜାଡ଼୍ ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ହେବା । କଲାହାଣ୍ଡି, କୋରାପୁଟ୍ ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧ୍ୟମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।